# ଅଗଷ୍ଟ ମାସ ପାଇଁ ଅନୁଗୋଳ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ।

## Joint hearing of public Grivance for the month of August-2019.

ଅନୁଗୋଳ,ତା.୦୧.୦୮ : ଅନୁଗୋଳ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଗଷ୍ଟ ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏଥିରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଓ ଅନୁଗୋଳ ଆରକ୍ଷୀ ଅଧିକ୍ଷକ ଶ୍ରୀ ମିତ୍ରଭାନୁ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେବେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅଗଷ୍ଟ ୫ତାରିଖ (ସୋମବାର)ପୂର୍ବାହ୍ନ ୧୦ ଘଟିକା ସମୟରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେଉଥିବା ବେଳେ ୧୩ ତାରିଖ(ମଙ୍ଗଳବାର) ପୂର୍ବାହ୍ନ ୧୦ ଘଟିକା ସମୟରେ ଆଠମଲ୍ଲିକ ବ୍ଲକ୍ କାର୍ଯ୍ୟାଳୟରେ , ୧୯ ତାରିଖ (ସୋମବାର) ପୂର୍ବାହ୍ନ ୧୦ ଘଟିକା ସମୟରେ ବଣରପାଳ ବ୍ଲକ୍ କାର୍ଯ୍ୟାଳୟ ଏବଂ ୨୬ ତାରିଖ (ସୋମବାର) ପୂର୍ବାହ୍ନ ୧୦ ଘଟିକା ସମୟରେ କଣିହା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ସେହିପରି ୧୩ ତାରିଖ(ମଙ୍ଗଳବାର) ଅପରାହ୍ନ ୩ ଘଟିକା ସମୟରେ ଆଠମଲ୍ଲିକ ବ୍ଲକର ଅଗଡା ଗ୍ରାମ ପଞ୍ଚାୟତ ଠାରେ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗ ଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜଣାଇ ଦିଆଯାଉଛି ।